# କଦଳୀ ଚାଷର ବୈଷୟିକ ଦିଗ






**ଡଃ ରଶ୍ମିତା ଟପ୍ପୋ**
ବୈଜ୍ଞାନିକ (ଉଦ୍ୟାନ କୃଷି)

**ସୁଶ୍ରୀ ମମତା ମାହାଲି**
ଫାର୍ମ ମ୍ୟାନେଜର

**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



## କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର - ୭୫୧୦୦୩

# କଦଳୀ ଚାଷର ବୈଷୟିକ ଦିଗ


ବିଷୟବସ୍ତୁ

ଡଃ ରଶ୍ମିତା ଟପ୍ପୋ

ବୈଜ୍ଞାନିକ (ଉଦ୍ୟାନ କୃଷି)

ସୁଶ୍ରୀ ମମତା ମାହାଲି

ଫାର୍ମ ମ୍ୟାନେଜର

ସମ୍ପାଦକ

ଡଃ ସଂଗ୍ରାମ ପରମଗୁରୁ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# କଦଳୀ ଚାଷର ବୈଷୟିକ ଦିଗ


**ବିଷୟବସ୍ତୁ**

**ଡଃ ରଶ୍ମିତା ଟପ୍ପୋ**
ବୈଜ୍ଞାନିକ (ଉଦ୍ୟାନ କୃଷି)

**ସୁଶ୍ରୀ ମମତା ମାହାଲି**
ଫାର୍ମ ମ୍ୟାନେଜର

**ସମ୍ପାଦକ**

**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



ମୁଦ୍ରଣ :
ମିଡିଆ ସଲ୍ୟୁସନ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ - ୯୭୭୬୮୪୭୨୭୬

# କଦଳୀ ଚାଷର ବୈଷୟିକ ଦିଗ

କଦଳୀକୁ ଗରୀବ ଲୋକଙ୍କ ଫଳ କୁହାଯାଏ, କାରଣ ଏହା ଶସ୍ତା ଓ ସୁବିଧାରେ ମିଳିଥାଏ। କଦଳୀରେ ଲୌହ, ଫସ୍‌ଫରସ୍, ପଟାସିଅମ୍, କ୍ୟାଲ୍‌ସିୟମ୍, ମାଗ୍ନେସିୟମ୍, ଭିଟାମିନ୍ ଥିବାରୁ ଆମ ସ୍ୱାସ୍ଥ୍ୟ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ। କଞ୍ଚା ଓ ପାଚିଲା କଦଳୀ ବ୍ୟବହାର ଛଡ଼ା ପ୍ରକ୍ରିୟାକରଣ କରାଯାଇ ସେଥିରୁ ଜାମ୍, ବିସ୍କୁଟ୍, ଚିପ୍‌ସ, ମଣ୍ଡ, ଆଇସ୍‌କ୍ରିମ୍, ମୃଦୁ୍ୟପାନୀୟ ଏବଂ ଅନ୍ୟାନ୍ୟ ବ୍ୟବହୃତ ଜିନିଷ ତିଆରି କରାଯାଏ। କଦଳୀ ଗଛର କାଣ୍ଡକୁ ରୂପାନ୍ତରିତ କରି ସେଥିରୁ ଟିସୁ ପେପର, କାଗଜ ଇତ୍ୟାଦି ପ୍ରସ୍ତୁତ କରାଯାଏ।

**ମୃତ୍ତିକା ଓ ଜଳବାୟୁ :** ଜୈବିକ ପଦାର୍ଥଯୁକ୍ତ ଦୋରସା, ନିଗିଡ଼ା, ଗଭୀର ମାଟି କଦଳୀ ଚାଷ ପାଇଁ ସର୍ବୋତ୍କୃଷ୍ଟ। ଏହି ଫସଲ ପାଇଁ ମାଟିର ଅମ୍ଳତା ୫.୫ରୁ ୭.୦ ଥିବା ଜରୁରୀ। କଦଳୀର ଚେର ଗଛ ମୂଳରୁ ଦୁଇ ଫୁଟ ଭିତରେ ରହେ। ତେଣୁ ଯେଉଁ ସ୍ଥାନରେ ଦୁଇ ତିନି ଫୁଟ ପର୍ଯ୍ୟନ୍ତ ଗଭୀର ମାଟି ଥାଏ, ସେଠାରେ କଦଳୀ ଚାଷ ଭଲ ହୁଏ। ଉଷ୍ଣ ଓ ଆର୍ଦ୍ର ଜଳବାୟୁ କଦଳୀ ଚାଷ ପାଇଁ ଉପଯୁକ୍ତ। ବାର୍ଷିକ ବୃଷ୍ଟିପାତ ୧,୨୦୦ ମିଲିମିଟରରୁ ଅଧିକ, ହାରାହାରି ଉତ୍ତାପ ୨୦ରୁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ସମୁଦ୍ର ପତ୍ତନଠାରୁ ୨୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ କଦଳୀ ଚାଷ କରାଯାଇପାରେ।

**କିସମ :** ଡେଙ୍ଗା କିସମ - ଚମ୍ପା, ପାଟକପୁରା, ବନ୍ତଳ, ବତିସା। ବାମନ କିସମ - ରୋବଷ୍ଟା, କାବୁଲି। ହଳଦିଆ ରଙ୍ଗର ପାଚିଲା କଦଳୀ ବହୁତ ଲୋକପ୍ରିୟ ଏବଂ ଏହି କିସମଗୁଡ଼ିକ ହେଲା - ଚମ୍ପା, ପାଟକପୁରା ଇତ୍ୟାଦି। ସବୁଜ ରଙ୍ଗର ବାମନ ପାଚିଲା କଦଳୀ ରୋବଷ୍ଟା, ଡ୍ୱାର୍ଫ କାଭେଣ୍ଡିସ୍ ଧୀରେ ଧୀରେ ଲୋକପ୍ରିୟ ହୋଇଆସୁଛି। ପରିବା ଶ୍ରେଣୀ କଦଳୀର କିସମ ହେଲା ବନ୍ତଳ ଓ ବତିସା। ଏହା ସାଧାରଣତଃ ଡେଙ୍ଗା ହୋଇଥାଏ। ପାଟକପୁରା କଦଳୀରେ ଝାଉଁଳା ରୋଗ ଲାଗିଥାଏ। ଚମ୍ପା, ରୋବଷ୍ଟା, କାବୁଲି, ଏଚ୍-୧ ଓ ଏଚ୍-୨ କଦଳୀ କିସମଗୁଡ଼ିରେ ଝାଉଁଳା ରୋଗ ଧରେନାହିଁ। ଆମ ରାଜ୍ୟର ପାହାଡ଼ିଆ ଅଞ୍ଚଳରେ ଶିରୁମାଲାଇ, ବିରୁପାକ୍ଷୀ ଇତ୍ୟାଦି କିସମର କଦଳୀ ନିପାଣିଆ ଭାବେ ଚାଷ କରାଯାଏ।

ଏପରିକି ପାରମ୍ପରିକ ପଦ୍ଧତି ଠାରୁ ପେଶୀପୋଷଣ ପଦ୍ଧତି ନିମ୍ନ ପ୍ରଦତ୍ତ ଗୁଣାବଳୀ ଯୋଗୁ ବିଶେଷ ଭାବେ ଆଦୃତ ଓ ପରିଚିତ।

| କ୍ର.ସଂ. | ପାରମ୍ପରିକ କଦଳୀ ପୁଆ | ପେଶୀପୋଷଣ କଦଳୀ ପୁଆ |
|---|---|---|
| ୧. | ପୁଆ ଗୁଡ଼ିକ ସମାନ ଆକାରର ତଥା ସମବୟସ୍କ ହୋଇନଥାଏ। | ପୁଆଗୁଡ଼ିକ ସମଆକାର ଓ ସମବୟସ୍କ ହୋଇଥିବାରୁ ନିୟମିତ ତଥା ଏକକାଳୀନ ଅଭିବୃଦ୍ଧି ହୋଇଥାଏ। |
| ୨. | ପୁଆଗୁଡ଼ିକ ରୋଗାକ୍ରାନ୍ତ ତଥା ବିକୃତ ହୋଇଥାଏ। | ପ୍ରୟୋଗଶାଳାରେ ଉତ୍ପାଦିତ ହେଉଥିବାରୁ ନୀରୋଗ ଓ ସ୍ୱାସ୍ଥ୍ୟଯୁକ୍ତ ପୁଆ ମିଳିଥାଏ। |
| ୩. | ମୂଳପୁଆ ବା ମା' ପୁଆର ଗୁଣାବଳୀ ଚିହ୍ନଟ କଷ୍ଟସାଧ୍ୟ ବା ଗୁଣାବଳୀ ମିଳିନଥାଏ। | ମା' ପୁଆର ଗୁଣାବଳୀ ଅକ୍ଷୁର୍ଣ୍ଣ ରହେ। ଏଥିପାଇଁ ଗୁଣାତ୍ମକ ଓ ଅଧିକ ଅମଳ ମିଳିଥାଏ। |
| ୪. | ଚାଷ ପଦ୍ଧତି ଯଥା - ଜଳସେଚନ, ଶ୍ରମନିୟୋଜନ ଆଦି ବ୍ୟୟ ବହୁଳ ଓ ସମୟସାପେକ୍ଷ। | ଜଳସେଚନ, ଶ୍ରମନିୟୋଜନ ତଥା ଖାଦ୍ୟସାର ଅନେକାଂଶରେ କମ୍। ଏଣୁ ଲାଭ ଅଧିକ। |
| ୫. | ଫସଲର ପରିପକ୍ୱ ଅବସ୍ଥା ୧ବର୍ଷରୁ ଅଧିକ। | ଫସଲର ପରିପକ୍ୱ ଅବସ୍ଥା ୮ ରୁ ୧୦ ମାସ ମଧ୍ୟରେ ସିମୀତ। |
| ୬. | ଜୀବନକାଳ ମଧ୍ୟରେ ଗୋଟିଏ ମୁଖ୍ୟ ଫସଲ ଓ ଆଉ ଏକମୂଳି ଫସଲ ସମ୍ଭବ। | ଜୀବନକାଳ ମଧ୍ୟରେ ଏକକ ମୁଖ୍ୟ ଫସଲ ବ୍ୟତୀତ ଦୁଇଗୋଟି ମୂଳିଫସଲ ସମ୍ଭବପର। |
| ୭. | ଧଣିଆ, ଟମୋଟା, ଲଙ୍କା, କୋବି ମୂଳା ଆଦି ଅନ୍ତଃଫସଲ ବିଶେଷ ଲାଭଦାୟକ ହୋଇନଥାଏ। | ଗଛର ଅଭିବୃଦ୍ଧି ନିୟମିତ ତଥା ଏକକାଳୀନ ହେଉଥିବାରୁ ଅନ୍ତଃ ଫସଲ ବିଶେଷ ଉପଯୋଗୀ ତଥା ଲାଭଦାୟକ। |
| ୮. | ପୁଆ ଗୁଡ଼ିକ ବିଭିନ୍ନ ସ୍ଥାନ ଓ ଉତ୍ସରୁ ସଂଗ୍ରହ ହେଉଥିବାରୁ ଏହାର ଫଳନ ଦକ୍ଷତା, ଗୁଣାବଳୀ ତଥା ବୟସ ସମ୍ବନ୍ଧରେ ଜାଣିହୁଏ ନାହିଁ। ଏଣୁ ଅମଳ କମ୍ ଓ ଲାଭ ମଧ୍ୟ କମ୍। | ପୁଆ ଗୁଡ଼ିକ ଫଳନ ସମସ୍ୟା ନଥାଏ। ଏପରିକି ଅଧିକ ଅମଳ ଓ ଲାଭ ହୋଇଥାଏ। |

**ବଂଶ ବିସ୍ତାର :** କଦଳୀ ଚାଷ ପାଇଁ ସାଧାରଣତଃ ଶିଙ୍ଗୀ ପୁଆ ବ୍ୟବହାର କରାଯାଏ। ଶିଙ୍ଗୀପୁଆ ଦେଖିବାକୁ ତଳଆଡୁ ମୋଟା ହୋଇ ଉପର ଆଡ଼କୁ ସରୁ ହୋଇଥାଏ। ଚାରା ପାଇଁ ଏହି ପୁଆ ଉପଯୁକ୍ତ ଅଟେ। ପାଣିପୁଆ ମୂଳରୁ ଅଗ ପର୍ଯ୍ୟନ୍ତ ସମାନ ମୋଟେଇ ଏବଂ ପତ୍ରଗୁଡ଼ିକ ଚଉଡ଼ା ହୋଇଥାଏ। ଚାରା ପାଇଁ ଏହି ପୁଆଗୁଡ଼ିକ ଭଲ ନୁହେଁ। ବର୍ତ୍ତମାନ ଆଧୁନିକ ପେଶିପୋଷଣ ପଦ୍ଧତିରେ ଅଳ୍ପ ସମୟରେ ରୋଗ ମୁକ୍ତ କଦଳୀ ଚାରା ଉତ୍ପାଦନ କରାଯାଇପାରୁଛି। ଏଥିରେ ଏକ ସମୟରେ ସମସ୍ତ ଫଳ ଅମଳ ହୋଇପାରେ ଏବଂ ବଜାରକୁ ଏକ ସଙ୍ଗେ ନିଆଯାଇପାରେ। ଏଥିରୁ ଯଥେଷ୍ଟ ଅଧିକ ଅମଳ ମିଳେ ଓ ଚାଷୀ ଲାଭବାନ ହୋଇଥାଏ। (ଯାହାକି ପୃଷ୍ଠା -୨ରେ ଆଲୋଚିତ)

**ପୁଆ ଲଗାଇବା ସମୟ :** ଡେଙ୍ଗା ଗଛକୁ (ଚମ୍ପା, ପାଟକପୁରା, ବନ୍ତଳ, ବଡିସା) ଆଷାଢ଼ ମାସରେ ଜୁନ୍-ଜୁଲାଇ ଏବଂ ବାମନ ଗଛକୁ (ରୋବଷ୍ଟା, କାବୁଲି) ମାର୍ଗଶିର ମାସରେ ଡିସେମ୍ବର-ଜାନୁଆରୀ ଲଗାଇବା ଉତ୍କୃଷ୍ଟ। ଏହା ଦ୍ୱାରା ବୟସ ଅନୁସାରେ ବର୍ଷା ସମୟରେ କାନ୍ଧି ଆସେ। ପେଶୀପୋଷଣ ପଦ୍ଧତିରେ ଉତ୍ପାଦିତ କଦଳୀ ଚାରା ଜଳସେଚନ ବ୍ୟବସ୍ଥା ଥିବା ଅଞ୍ଚଳରେ ଖରାଦିନ ଛାଡ଼ି ବର୍ଷର ପ୍ରାୟ ସବୁ ସମୟରେ ଲଗାଯାଇପାରିବ। ଯଦି ବିଶେଷ ଯତ୍ନ ନିଆଯାଏ ତେବେ ବର୍ଷର ସବୁ ସମୟରେ ମଧ୍ୟ କଦଳୀ ଲଗାଯାଇପାରିବ। ବ୍ୟବସାୟିକ ଭିତ୍ତିରେ କଦଳୀ ଚାଷ କରିବାକୁ ଗଲେ ବର୍ଷକୁ ତିନିଥରରେ ଦଫା ଦଫା କରି କଦଳୀ ପୁଆ ଲଗାଇଲେ ବର୍ଷସାରା କଦଳୀ ମିଳିବ। ପ୍ରଥମ ଦଫା ଜୁନ୍-ଜୁଲାଇ ମାସରେ ଦେଶୀ ପୁଆ ଲଗାଇବେ, ଦ୍ୱିତୀୟ ଦଫା ଅକ୍ଟୋବର-ନଭେମ୍ବର ମାସରେ ଓ ତୃତୀୟ ଦଫା ଜାନୁଆରୀ-ଫେବୃଆରୀ ମାସରେ। କାବୁଲି ଓ ରୋବଷ୍ଟା କିସମ କଦଳୀ ଦ୍ୱିତୀୟ ଓ ତୃତୀୟ ଦଫାରେ ଲଗାଇଲେ ଭଲ ହୁଏ ଓ ଅମଳ ମଧ୍ୟ ବେଶୀ ମିଳେ।

**ଲଗାଇବା ଦୂରତା :** କାବୁଲି ଓ ରୋବଷ୍ଟା କିସମ ପାଇଁ ଲଗାଇବା ଦୂରତା ୧.୮×୧.୮ ମି.। ଏଥିପାଇଁ ହେକ୍ଟର ପିଛା ୩,୦୦୦ କଦଳୀ ପୁଆ ଲାଗେ। ଚମ୍ପା, ପାଟକପୁରା, ବନ୍ତଳ, ଅମୃତପାଣି କିସମ ପାଇଁ ଲଗାଇବା ଦୂରତା ୨.୫ମି.×୨.୫ମି.। ଏଥିପାଇଁ ହେକ୍ଟର ପିଛା ୨,୦୦୦ କଦଳୀ ପୁଆ ଦରକାର ହୁଏ। ପ୍ରତ୍ୟେକ ପୁଆର ଓଜନ ୪୦୦ରୁ ୬୦୦ ଗ୍ରାମ୍ ମଧ୍ୟରେ ହେବା ଆବଶ୍ୟକ।

**ଜମି ପ୍ରସ୍ତୁତି ଓ ଚାଷ ପ୍ରଣାଳୀ :** ଜମିକୁ ପାଞ୍ଚ ଛଅ ଓଡ଼ ଚାଷ କରି ଦୁଇରୁ ତିନି ସପ୍ତାହ ପର୍ଯ୍ୟନ୍ତ ମାଟି ଖରା ଖାଇବାକୁ ଛାଡ଼ିଦେବା ଉଚିତ୍। ତା'ପରେ ମାଟି ଟେଳାଗୁଡ଼ିକୁ ଭାଙ୍ଗି ଜମିକୁ ସମତୁଲ କରିବେ। ଶେଷ ଓଡ଼ ଚାଷ ସମୟରେ ଏକର ପ୍ରତି ୪ କି.ଗ୍ରା. ଆଜୋଟୋବ୍ୟାକ୍‌ଟର ଜୀବାଣୁ ସାରକୁ ଦୁଇ କ୍ୱିଣ୍ଟାଲ ଖତ ସହ ମିଶାଇ ମାଟିରେ ମିଶାଇ ଦିଅନ୍ତୁ। ଗାତ (୪୫×୪୫×୪୫) ସେ.ମି. ଖୋଳି ଗୋଟିଏ ମାସ ଖରାରେ ଶୁଖାଇବେ ଓ ତା'ପରେ ଦୁଇ ଟୋକେଇ ସଢ଼ା ଗୋବର ଖତ ଦେବେ, ତା ସହିତ ୨୦ରୁ ୩୦ ଗ୍ରାମ୍ ଫୁରାଡ଼ନ, ୬୨୫ ଗ୍ରାମ୍ ସୁପରଫସ୍‌ଫେଟ୍ ୨୫୦ ଗ୍ରାମ୍ ନିମ୍ବ ପିଡ଼ିଆ ବା କରଞ୍ଜ ପିଡ଼ିଆ ମିଶାଇବେ। ମାଟି ଭରିବାର ପାଞ୍ଚ ଛଅ ଦିନ ପରେ ପୁଆ (ବିଶୋଧିତ) ଲଗାଇବା ଉଚିତ୍।

**ପୁଆ ଲଗାଇବା ପ୍ରଣାଳୀ :**

୧. ୪୦୦-୬୦୦ ଗ୍ରାମ୍ ଓଜନର ଶିଙ୍ଗୀପୁଆ ବ୍ୟବହାର କରିବେ।

୨. ୩-୪ ଫୁଟ ଲମ୍ବର ପୁଆ ଲଗାଇବେ। ପୁଆର ମୂଳଅଂଶକୁ କନ୍ଦା କହାନ୍ତି, ଏହା ସାହାଯ୍ୟରେ ପୁଆ ଖାଦ୍ୟ ଗ୍ରହଣ କରିଥାଏ। ତେଣୁ କନ୍ଦା ଯେପରି ନଷ୍ଟ ନହୁଏ ଧ୍ୟାନ ଦେବା ଉଚିତ।

୩. ପୁଆ ଲଗାଇବା ପୂର୍ବରୁ ପୁରୁଣା ଚେରଗୁଡ଼ିକ କାଟି ଦେବା ଉଚିତ୍।
୪. ପୁଆର କୌଣସି ସ୍ଥାନରେ କ୍ଷତ ହୋଇଥିଲେ ତାକୁ କାଟି ସଫା କରିବେ।
୫. ୩ ଗ୍ରାମ୍ ଡିଥେନ୍ - ଏମ୍-୪୫କୁ ୧ ଲିଟର ପାଣିରେ ମିଶାଇ ପୁଆର ମୂଳଭାଗକୁ ୧୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ରଖିବେ, ତା'ପରେ ଛାଇରେ ଶୁଖାଇ ଗାତରେ ଲଗାଇବେ। ବାଭିଷ୍ଟିନ୍୧ ଗ୍ରାମକୁ ୧ ଲିଟର ପାଣିରେ ମିଶାଇ ପୁଆ ବିଶୋଧନ କରାଯାଇପାରେ।
୬. ବିଶୋଧିତ ପୁଆକୁ ଗାତ (୪୫×୪୫×୪୫) ସେ.ମି ମଝିରେ ଲଗାଇ ଚାରି ପାଖରେ ମାଟିକୁ ଦାବି ଦେବେ। ପୁଆର କନ୍ଦା ଯେପରି ମାଟି ତଳେ ରୁହେ ଧ୍ୟାନ ଦେବେ।
୭. ପୁଆକୁ ଏପରି ଲଗାଇବେ, ଯେମିତି ମୂଳ ଭୂଇଁଠାରୁ ୨୦ସେ.ମି. ତଳେ ରହିବ।

## ସାର ପ୍ରୟୋଗ :

| ସାର ପ୍ରୟୋଗ ସମୟ | ଗଛ ପିଛା ସାର |
|---|---|
| ମୂଳ ସାର | ଦୁଇ ଝୁଡ଼ି ସଢ଼ା ଖତ, ୬୨୫ ଗ୍ରାମ୍ ସିଙ୍ଗଲ୍ ସୁପର ଫସ୍‌ଫେଟ୍, ୨୫୦ ଗ୍ରା ନିମ୍ବ / କରଞ୍ଜ ପିଡ଼ିଆ, ୨୦ଗ୍ରା ଫୁରାଡ଼ନ୍। |
| ଲଗାଇବାର ୨ ମାସରେ | ୧୫୦ ଗ୍ରାମ୍ ୟୁରିଆ (୩୦୦ ଗ୍ରାମ୍ ସି.ଏ.ଏନ୍.) ଓ ୧୨୫ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍। |
| ଲଗାଇବାର ୪ ମାସରେ | ୨୫୦ ଗ୍ରାମ୍ ୟୁରିଆ (୫୦୦ ଗ୍ରାମ୍ ସି.ଏ.ଏନ) ଓ ୨୦୦ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍। |
| ଲଗାଇବାର ୬ ମାସରେ | ୨୫୦ ଗ୍ରାମ୍ ୟୁରିଆ (୫୦୦ ଗ୍ରାମ୍ ସି.ଏ.ଏନ୍.) ଓ ୨୫୦ ଗ୍ରାମ୍ ମ୍ୟୁରେଟ୍ ଅଫ୍ ପଟାସ୍। |

**ଅନ୍ତଃଚାଷ :** କଦଳୀ ଗଛ ଲଗାଇବାର ୫-୬ ମାସ ମଧ୍ୟରେ ଜମିରେ ଥିବା ଖାଲି ସ୍ଥାନରେ ଅଳ୍ପ ଦିନର ଅମଳକ୍ଷମ ପରିବା ଓ ଫୁଲ ଚାଷ କରାଯାଇପାରେ। ସପୁରୀ, ଅଦା, ହଳଦୀ, ମୂଳା, ଗାଜର, ଲଙ୍କା, ଭେଣ୍ଡି, ଜହ୍ନି, ବରଗୁଡ଼ି, ଗେଣ୍ଡୁ, ରଜନୀଗନ୍ଧା ଇତ୍ୟାଦି ଅନ୍ତଃଫସଲ ଭାବେ ଚାଷ କରାଯାଇପାରେ। କଦଳୀକୁ ଅନ୍ତଃଫସଲ ହିସାବରେ ମଧ୍ୟ ସପେଟା, ନଡ଼ିଆ, ଗୁଆ, ପିଜୁଳି ଓ ଲେମ୍ବୁ ଫସଲ ମଧ୍ୟରେ ଚାଷ କରାଯାଇପାରେ।

**ଜଳସେଚନ :** ମାଟିର ଅବସ୍ଥାକୁ ଦେଖି ପାଣି ଦେବା ଉଚିତ୍। ପ୍ରଥମେ ମନ୍ଦା ଆକାରରେ ଓ ତା'ପରେ ନାଳୀରେ ପାଣି ଦେଲେ ପାଣି କମ୍ ଖର୍ଚ୍ଚ ହୁଏ। ଶୀତ ଦିନେ ମାସକୁ ୨-୩ ଥର ଓ ଖରା ଦିନେ ୪-୫ ଥର ପାଣି ଦେବା ଦରକାର। ଚମ୍ପା ଓ ପାଟକପୁରା କିସମ କଦଳୀରେ କମ୍ ଥର ଜଳସେଚନ ଲାଗୁଥିବା ବେଳେ ରୋବଷ୍ଟା ଓ କାବୁଲି କିସମ କଦଳୀରେ ଯଥେଷ୍ଟ ଜଳ ଆବଶ୍ୟକ ହୋଇଥାଏ। ବର୍ଷାଦିନେ ଜଳ ନିଷ୍କାସନର ବ୍ୟବସ୍ଥା କରିବା ଆବଶ୍ୟକ।

## ରୋଗପୋକ ନିରାକରଣ :

କଦଳୀ ଗଛରେ ସାଧାରଣତଃ ବିଭିନ୍ନ ରୋଗ ପୋକର ପ୍ରାଦୁର୍ଭାବ ଅଧିକ ଥିଲେ ମଧ୍ୟ ଉନ୍ନତ ବୈଷୟିକ ପ୍ରଣାଳୀ ଅନୁସରଣ କଲେ କଦଳୀର ଫସଲରେ ସେତେଟା ରୋକପୋକ ଆକ୍ରାନ୍ତ ଅନୁଭୂତ ହୁଏନାହିଁ। ତଥାପି କଦଳୀର ଅଣକଦଳୀଆ, ଝାଉଁଳା ଏବଂ ପତ୍ରଦାଗ (ସିଗାଟୋକା), କାଣ୍ଡବିନ୍ଧା ଓ କନ୍ଦାକଟା ପୋକ ଆକ୍ରମଣ ଅନ୍ୟତମ। ଯାହାର ନିରାକରଣ ନିମ୍ନରେ ପ୍ରଦତ୍ତ।

| କ୍ର.ସଂ. | ରୋଗ ପୋକର ପ୍ରାର୍ଦୁଭାବ | ଲକ୍ଷଣ | ନିରାକରଣ |
|---|---|---|---|
| ୧. | ଅଣ କଦଳୀଆ (Bunchy Top) | ଗଛ ଅଗରେ ଗୁଚ୍ଛହୋଇ ଛୋଟ ପତ୍ର ବାହାରିଥାଏ। ପତ୍ର ତଳଭାଗରେ କଳାକଳା ଦାଗ ଦୃଶ୍ୟ ହୁଏ ଏବଂ ପତ୍ରକୁ ଭାଙ୍ଗିଲେ ମଡମଡ ହୁଏ। ଏକ ପ୍ରକାର ଜଉପୋକ ଦ୍ୱାରା ସଂକ୍ରମିତ ହୋଇଥାଏ। | ଆକ୍ରାନ୍ତ ଗଛକୁ ସଫା କରିବା ସହ ଏହାର ପତ୍ରକୁ ପୋତିବା ଉଚିତ୍। ଗଛମୂଳରୁ ମଞ୍ଜି ସନ୍ଧାରେ କିରୋସିନ୍ ପ୍ରୟୋଗ ସହିତ ମେଟାସିଷ୍ଟକ୍ସ ଅଥବା ଡାଇମିଥୋଏଟ୍ ଔଷଧକୁ ଲିଟର ପ୍ରତି ୨ ଗ୍ରାମ୍ ପ୍ରୟୋଗ କରନ୍ତୁ। |
| ୨. | ଝାଉଁଳା ରୋଗ (ପାନାମା/ଫୁଜାରିୟମ୍) | ପତ୍ର ହଳଦିଆ ହେବା ସହିତ ବାହୁଙ୍ଗା ମୂଳରୁ ଭାଙ୍ଗି ଓହଳି ରହିଥାଏ ଏପରିକି ଗଛମୂଳରେ ଅତ୍ୟଧିକ ପୁଆ ବାହାରିଥାଏ। ପଚା ମାଛ ଗନ୍ଧ ବାରିହୁଏ। ମାଟିର ଅମ୍ଳତା ସହିତ ଚୂନର ପରିମାଣ କମ୍ ଥିଲେ ଏ ପ୍ରକାର ସମସ୍ୟା ଦେଖାଦିଏ। | ଗଛମୂଳକୁ ବାଭିଷ୍ଟିନ୍ ଲିଟର ପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ପ୍ରୟୋଗ କରିବା ଉଚିତ୍। ଜମିକୁ ପରିଷ୍କାର ରଖିବା ଉଚିତ୍। ପ୍ରତି ଦୁଇ ମାସରେ ଥରେ କାର୍ବେଣ୍ଡିଜିମ୍ କିମ୍ବା ବିନୋମାଇଲ୍ ଲିଟର ପ୍ରତି ୧.୫ ଗ୍ରାମ୍ ମାଟି ମୂଳରେ ପ୍ରୟୋଗ କରିବା ଉଚିତ୍। |

| କ୍ର.ସଂ. | ରୋଗ ପୋକର ପ୍ରାର୍ଦ୍ଦୁଭାବ | ଲକ୍ଷଣ | ନିରାକରଣ |
|---|---|---|---|
| ୩. | ମୋକ ଝାଉଁଳା ରୋଗ | ଗଛଗୁଡ଼ିକ ଖୁବ୍ ଶୀଘ୍ର ଝାଉଁଳି ପଡ଼େ ପତ୍ରଗୁଡ଼ିକ ଜଳିଗଲାପରି ଦେଖାଯାଏ ଓ ଫଳଗୁଡ଼ିକ ଅସମୟରେ ପଚିଯାଏ କାଣ୍ଡ ଓ କନ୍ଦାକୁ କାଟିଲେ କଟାଂଶରେ ଚିକ୍କଣ ଚକ୍ ଚକ୍ ଅଂଶ ଦେଖାଯାଏ। | ଫସଲ ପର୍ଯ୍ୟାୟ ଅବଲମ୍ବନ ଆକ୍ରାନ୍ତ ଗଛକୁ ପୋଡ଼ିଦେବା ଓ ପୋତିଦେବା। ଗଛ ମୂଳକୁ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧୦ ଲିଟର ପ୍ରତି ଏକ ଗ୍ରାମ୍ ପ୍ରୟୋଗ କରିବା |
| ୪. | ପତ୍ରଦାଗ (ସିଗାଟୋକା) | ପତ୍ରରେ ପ୍ରଥମେ ଛୋଟ ଛୋଟ ହଳଦିଆ ବର୍ଣ୍ଣ (ଦାଗ) ଦେଖାଦେଇ ମାତ୍ରା ଅଧିକ ହେଲେ ମାଟିଆ ବର୍ଣ୍ଣ ହୋଇ ପୋଡ଼ି ମରିଯାଏ। ଖରିଫ୍ ଋତୁରେ ବିଶେଷ କରି ଆର୍ଦ୍ର ଓ ଉଷ୍ମ ଜଳବାୟୁରେ ଏହା ଅଧିକ ବ୍ୟାପିଥାଏ। (ସର୍କୋସ୍ପୋରା ମୂଷି ନାମକ କବକ ଦ୍ୱାରା ବ୍ୟାପିଥାଏ) | ଇଣ୍ଡୋଫିଲ ଏମ୍-୪୫ ବା କାର୍ବେଣ୍ଡାଜିମ୍ କିମ୍ବା ଜିରାମ (୦.୨%) କିମ୍ବା ମାନ୍‌କୋଜେମ୍ (୦.୨୫%) ଓ ଖଣିଜ ତୈଳ (୦.୧%) କିମ୍ବା ଥାଇଓଫିନେଟ୍ ମିଥାଇଲ୍ (୦.୧୫%) ଓ ଲିନ୍‌ସିଡ୍ ତେଲ (୨%) ପ୍ରୟୋଗ କରିବା ଉଚିତ୍ ପ୍ରତି ଲିଟର ପାଣିରେ ୨-୩ ଗ୍ରାମ୍ ହିସାବରେ ପ୍ରତି ୧୫-୨୦ ଦିନ ବ୍ୟବଧାନରେ ପ୍ରୟୋଗ କଲେ ଅଧିକ ସୁଫଳ ମିଳିଥାଏ। |

| କ୍ର.ସଂ. | ରୋଗ ପୋକର ପ୍ରାର୍ଦୁଭାବ | ଲକ୍ଷଣ | ନିରାକରଣ |
|---|---|---|---|
| ୫. | କାଣ୍ଡବିନ୍ଧା ପୋକ | ଏହା କଦଳୀ ମୁଣ୍ଡାରେ ବା କାଣ୍ଡରେ ଆକ୍ରମଣ କରିଥାଏ। ସନ୍ତସନ୍ତିଆ ଜମି ସହିତ ଗଛମୂଳ ଘାସ ଦ୍ୱାରା ଆଚ୍ଛାଦିତ ଥିଲେ ଏ ପ୍ରକାର ସମସ୍ୟା ଅଧିକ ଉପୁଜିଥାଏ। | ପୂଆକୁ କ୍ଲୋରପାଇରିଫସ୍ ଦ୍ରବଣରେ ବିଶୋଧନ କରି ଗଛମୂଳରେ ୫- ୧୦ ଗ୍ରାମ ଥିମେଟ ପ୍ରୟୋଗ କରନ୍ତୁ। |
| ୬. | କନ୍ଦା କଟା ପୋକ | କଦଳୀ ଗଛର ଉପରୁ ତଳୁ ସିଧାକରି ନଳୀମାନ କରିଥାନ୍ତି। ଆକ୍ରାନ୍ତ ଗଛ ହଳଦିଆ ପଡିଥାଏ ଓ ଏହାର ସ୍ୱାଭାବିକ ଅଭିବୃଦ୍ଧି ଘଟିନଥାଏ। | ଗଛ ମୂଳକୁ ମେଟାସିଡ୍ କିମ୍ବା କ୍ଲୋରଫାଇରିଫସ୍ ଦ୍ରବଣ ଲିଟର ପ୍ରତି ୨ ମି.ଲି. ହିସାବରେ ପ୍ରୟୋଗ କରିବା ଉଚିତ୍ ନଚେତ୍ ଏକର ପ୍ରତି ୧୦ କିଗ୍ରା ଫୋରେଟ୍ ପ୍ରୟୋଗ କରନ୍ତୁ। |

**ସୂଚନା :** ୦.୧% =୧ ଲିଟର ପାଣିରେ ୧ ଗ୍ରାମ / ୧ ମି.ଲି., ୦.୧୫% = ୧ ଲିଟର ପାଣିରେ ୧.୫ ଗ୍ରାମ / ୧.୫ ମି.ଲି.
୦.୨% = ୧ ଲିଟର ପାଣିରେ ୨ ଗ୍ରାମ / ୨ ମି.ଲି., ୦.୫% = ୧ ଲିଟର ପାଣିରେ ୫ ଗ୍ରାମ / ୫ ମି.ଲି.
୦.୦୦୨୫% = ୪ ଲିଟର ପାଣିରେ ୧ ଗ୍ରାମ / ମ ମି.ଲି. ୨% = ୧ଲିଟର ପାଣିରେ ୨୦ ଗ୍ରାମ / ୨୦ ମି.ଲି.

## ହେକ୍ଟର ପ୍ରତି କଦଳୀ ଚାଷର ଆୟବ୍ୟୟ ଅଟକଳ

| କ୍ର.ସଂ. | ବିବରଣୀ | ମୁଖ୍ୟ ଫସଲ | | ମୂଳି ଫସଲ | |
|---|---|---|---|---|---|
| | ଶ୍ରମ | ମୋଟ ଶ୍ରମ ଦିବସ | ସମୁଦାୟ ଖର୍ଚ୍ଚ (ଟଙ୍କା) | ମୋଟ ଶ୍ରମ ଦିବସ | ସମୁଦାୟ ଖର୍ଚ୍ଚ (ଟଙ୍କା) |
| ୧. | ଟ୍ରାକ୍ଟର ହଳ (ଟ.୫୦୦/ଘଣ୍ଟା) | ୫ ଘଣ୍ଟା | ୨,୫୦୦ | – | – |
| ୨. | ଜମିରେ ଚିହ୍ନ ଦେବା | ୮ | ୧,୦୦୮ | – | – |
| ୩. | ଗାତ ଖୋଳିବା | ୮୦ | ୧୦,୦୮୦ | – | – |
| ୪. | ଗାତ ଭର୍ତ୍ତି କରିବା | ୨୭ | ୩,୪୦୨ | – | – |
| ୫. | ଗଛ ଲଗାଇବା, ପାଣିଦେବା | ୨୫ | ୩,୧୫୦ | – | – |
| ୬. | ଜଳସେଚନ | ୧୦୦ | ୧୨,୬୦୦ | ୭୫ | ୯,୪୫୦ |
| ୭. | ଅନ୍ତଃକର୍ଷଣ, ସାରଦେବା | ୧୧୫ | ୧୪,୪୯୦ | ୧୫୦ | ୧୮,୯୦୦ |
| ୮. | ପୁଆ ନଷ୍ଟ କରିବା | ୪୦ | ୬,୦୪୦ | ୫୦ | ୬,୩୦୦ |
| ୯. | ଔଷଧ ସିଞ୍ଚନ କରିବା | ୪୦ | ୫,୦୪୦ | ୩୫ | ୪,୪୧୦ |
| ୧୦. | ବାଡ଼ କରିବା | ୭୫ | ୯,୪୫୦ | ୧୦ | ୧,୨୬୦ |
| ୧୧. | ଅମଳ | ୩୦ | ୩,୭୮୦ | ୩୦ | ୩,୭୮୦ |
| | | ୫୪୦ | ୭୦,୫୪୦ | ୩୫୦ | ୪୪,୧୦୦ |
| (ଖ) ଉଦ୍ୟାନକୃଷି ଉପାଦାନ | | | | | |
| ୧. | ପୁଆ/ ଚାରା, ୭.୮୦ ଟଙ୍କା | ୨,୫୦୦ | ୧୯,୫୦୦ | – | – |
| ୨. | ପୁଆ ବିଶୋଧନ(କାର୍ବେଣ୍ଡାଜିମ ୧ କେଜି) | – | ୮୦୦ | – | – |

| | | | | | |
|---|---|---|---|---|---|
| ୩. | ଖତ ଟ.୮୦୦/ମେଟ୍ରିକଟନ | ୩୦ | ୨୪,୦୦୦ | ୧୦ ମେଟ୍ରିକ୍‌ଟନ୍ | ୮,୦୦୦ |
| ୪. | ଜୈବିକସାର ଟ.୮୦/କି.ଗ୍ରା | ୧୦ କି.ଗ୍ରା. | ୮୦୦ | – | – |
| ୫. | ସାର ଯବକ୍ଷାରଜାନ | ୫୦୦ ଗ୍ରାମ୍ | ୬,୧୮୫ | ୫୦୦ ଗ୍ରାମ୍ | ୬,୧୮୫ |
| | ଫସ୍‌ଫରସ୍ | ୧୦୦ ଗ୍ରାମ୍ | ୪,୭୮୦ | ୫୦ ଗ୍ରାମ୍ | ୨,୩୯୦ |
| | ପୋଟାସ | ୫୦୦ ଗ୍ରାମ୍ | ୧୩,୫୦୦ | ୫୦୦ ଗ୍ରାମ୍ | ୧୩,୫୦୦ |
| ୬. | ଅଣୁସାର | | ୧,୫୦୦ | – | ୧,୨୦୦ |
| ୭. | ଜୀବନାଶକ ଔଷଧ | | ୬,୦୦୦ | – | ୬,୦୦୦ |
| ୮. | ଜଳସେଚନ | | ୬,୦୦୦ | – | ୬,୦୦୦ |
| ୯. | ପ୍ରୋପିଙ୍ଗ୍ ଟ୧୦/ଗଛ | | ୨୫,୦୦୦ | – | ୫,୦୦୦ |
| ୧୦. | ଆଚ୍ଛାଦାନ | | ୨୧,୦୦୦ | – | – |
| ୧୧. | ବାଡ଼ ଖର୍ଚ୍ଚ | | ୨୦,୦୦୦ | – | ୫,୦୦୦ |
| | **ମୋଟ ଖର୍ଚ୍ଚ** | | **୧,୪୯,୦୬୫** | – | **୫୩,୨୭୫** |
| | ଆନୁସଙ୍ଗିକ ଖର୍ଚ୍ଚ | | ୨୧,୮୯୫ | – | ୯,୭୨୫ |
| | **ସର୍ବମୋଟ ଖର୍ଚ୍ଚ** | | **୨,୪୧,୫୦୦** | – | **୧,୦୭,୧୦୦** |
| | ଅମଳ (୨୨୫୦ କାନ୍ଧି) (ଟ.୨୪୦କାନ୍ଧି ପ୍ରତି) | | ୫,୪୦,୦୦୦ | – | ୫,୪୦,୦୦୦ |
| | **ଲାଭ** | | **୨,୯୮,୫୦୦** | | **୪,୩୨,୯୦୦** |


ପେଷି ପୋଷଣ କଦଳୀ ଚାଷରେ କେବଳ ପୁଆ କିଣା ଖର୍ଚ୍ଚ ବାବଦକୁ ବାଦ୍ ଦେଲେ କଦଳୀ ଚାଷର ଆୟବ୍ୟୟ ହିସାବ ପୁଆ କଦଳୀ ଚାଷ ସହିତ ପ୍ରାୟତଃ ସମାନ।

**ଅମଳ :** ବାଙ୍ଗରା/ବାମନ କିସମ (ରୋବଷ୍ଟା, ଡ୍ୱାର୍ଫ କାଭେଣ୍ଡିସ୍, କାବୁଲି) ସବୁଜ ରଙ୍ଗ ଦେଖାଯାଏ ଓ ଏହା ୯-୧୦ ମାସ ମଧ୍ୟରେ କାନ୍ଧି ଓ ଡେଙ୍ଗା କିସମ (ଚମ୍ପା, ପାଟକପୁରା) ହଳଦିଆ ରଙ୍ଗର, ବନ୍ତଳ, ବତିଶା (ପରିବା ଜାତୀୟ) କଦଳୀ ୧୨-୧୪ ମାସ ମଧ୍ୟରେ କାନ୍ଧି/ ଫଳ ଦେଇଥାଏ। ପେଶୀପୋଷଣକୃତ କଦଳୀ ଗଛ ୬ ମାସରେ ଫୁଲ ଧରେ ଓ ପର ତିନି ମାସ ପରେ ଫଳ ପାକଳ ହୁଏ। କାନ୍ଧି ବାହାରିବା ଗଛର ବୟସ, ରୋପଣ, ପୋଷଣ ତଥା ଜଳସେଚନ ଉପରେ ନିର୍ଭର କରିଥାଏ। ଦ୍ୱିତୀୟ ବର୍ଷ ଫସଲ ପ୍ରଥମ ବର୍ଷ ଅମଳର ୭-୧୦ ମାସ ମଧ୍ୟରେ ହୋଇଥାଏ। କାନ୍ଧିରେ ଖରା ପଡ଼ିଲେ ଫଳ ସିଝିଯାଏ ଏବଂ ଭଲ ପାଚେ ନାହିଁ। ତେଣୁ କଦଳୀ କାନ୍ଧିକୁ କଦଳୀ ପତ୍ର ସାହାଯ୍ୟରେ ଘୋଡ଼ାଇ ରଖିବେ। ଫଳ ବାର ପାଣିଆ ପାଚି ଗଲାପରେ ଗଛରେ କାଟିନେଇ ପଚାଇବା ଦରକାର। ପାଚିଲା କଦଳୀ କାଟିବାର ୭ ଦିନ ପୂର୍ବରୁ ପାଣି ଦେବା ବନ୍ଦ କରିବେ। ଗୋଟିଏ ଜାଗାରେ ଏକା ଥରକେ ତିନି ବର୍ଷରୁ ବେଶୀ ଦିନ କଦଳୀ ବଗିଚା ରଖିବା ଅନୁଚିତ୍, ନହେଲେ କଦଳୀ କାନ୍ଧି ଛୋଟ ହୋଇଥାଏ। ପରିବା ଜାତୀୟ କଦଳୀ ହେକ୍ଟର ପିଛା ୩୫-୪୦ ଟନ୍ ଅମଳ ହୋଇଥାଏ ଏବଂ ଫଳ ଜାତୀୟ କଦଳୀ କିସମ (ଚମ୍ପା, ପାଟକପୁରା ଇତ୍ୟାଦି) ହେକ୍ଟର ପିଛା ୨୫-୩୦ ଟନ୍ ଅମଳ ହୋଇଥାଏ।

## କଦଳୀ ଚାଷରେ କେତେକ ସାବଧାନତା

• ମାଆ ଗଛର ଉତ୍ତମ ବୃଦ୍ଧି ପାଇଁ ଅଧିକ ଓ ଅନାବଶ୍ୟକ ପୁଆଗୁଡ଼ିକୁ ଗଛରୁ କାଟି ଅଲଗା କରିଦେବା ଭଲ, ନହେଲେ ଅମଳ କମିଯିବ। ୨-୩ ମାସରେ ଥରେ କୋଡ଼ାଖୁସା ଦରକାର। • ମାଟିର ଅବସ୍ଥା ଦେଖି ଶୀତଦିନେ ମାସକୁ ୨-୩ଥର ଓ ଖରାଦିନେ ୪-୫ଥର ପାଣି ଦେବେ ଯେପରି କୌଣସି ସମୟରେ କିଆରିରେ ଠିଆ ପାଣି ନ ରହେ କିମ୍ବା ପାଣି ଅଭାବରେ ଗଛ ନ ଝାଉଁଳେ। • ମାଆ ଗଛରୁ ୪୫ ଦିନ ଅନ୍ତରରେ ଏକ ଛୁରି ସାହାଯ୍ୟରେ ଅନାବଶ୍ୟକ ପୁଆଗୁଡ଼ିକୁ କାଟିଦେବା ଉଚିତ୍। • ଅନାବଶ୍ୟକ ପୁଆଗୁଡ଼ିକୁ କାଟିବା ପରେ ପୁଆର ମଝିରେ ଗାତ କରି ସେଥିରେ କିରୋସିନ ୩-୪ ମିଲି (୧ ଚାମଚ) ଢାଳି ଦେବେ; ଏହା ଦ୍ୱାରା କଟା ଯାଇଥିବା ପୁଆଗୁଡ଼ିକ ଆଉ ବଢ଼ିପାରିବ ନାହିଁ। • ଗଛ ବଢ଼ିବା ସମୟରେ ବୁଢ଼ା ପତ୍ର (ହଳଦିଆ ହୋଇ ଶୁଖିଗଲେ)ଗୁଡ଼ିକ କାଟି ସଫା କରିଦେବେ। ଅଧିକ ଅମଳ ପାଇବା ପାଇଁ ଅତି କମ୍‌ରେ କଦଳୀ ଗଛରେ ୧୦-୧୨ଟି ପତ୍ର ରହିବା ଉଚିତ୍। • ମାଆ ଗଛରେ କାନ୍ଧି ବାହାରିଲେ ଗୋଟିଏ ସୁସ୍ଥ ପୁଆ ବଢ଼ିବା ପାଇଁ ଛାଡ଼ନ୍ତୁ। • ଯେତେବେଳେ କଦଳୀ କାନ୍ଧି ସମ୍ପୂର୍ଣ୍ଣ ଭାବେ ବାହାରି ଆସେ, ତାକୁ ଖରାରୁ ରକ୍ଷା କରିବା ପାଇଁ ଶୁଖିଲା କଦଳୀ ପତ୍ର କିମ୍ବା ଝୋଟ ବ୍ୟାଗ୍ ଦ୍ୱାରା ଢାଙ୍କି ଦେବେ। • ଖରାଦିନେ ମାଟିରେ ଜଳୀୟଅଂଶ ରକ୍ଷା କରିବା ପାଇଁ ଆଖୁଛେଦା, ନଡ଼ା, ପାଳ, ଶୁଖିଲା ପତ୍ର କିମ୍ବା କରଞ୍ଜ ପତ୍ରକୁ ମାଟିରେ ଆଚ୍ଛାଦିତ କରି ରଖିବେ, ଏହା ଦ୍ୱାରା ଅନାବନା ଘାସ ଉଠିବା ବନ୍ଦ ହୋଇଥାଏ। • ପୁଆ ଲଗାଇବାର ଚାରି ମାସ ପରେ ୧୦ ଗ୍ରାମ୍ ବାଭିଷ୍ଟିନ୍‌କୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ (୧ଥର ୧ ମାସ ଅନ୍ତରରେ) ରୋଗ ହୁଏନାହିଁ। ସେହିପରି ମେଟାସିଷ୍ଟକସ୍ ୨୦ ମି.ଲି. ୧୦ ଲିଟର ପାଣିରେ ମିଶାଇ ସ୍ପ୍ରେ କଲେ ଅଣକଦଳୀଆ ରୋଗ ହେବନାହିଁ। • କଦଳୀ କାନ୍ଧି ପଡ଼ିଲା ପରେ ଶେଷ କଦଳୀ ଫେଣାଠାରୁ ୨୦ ସେ.ମି. ଛାଡ଼ି ଭାଙ୍ଗିଦେଲେ କଦଳୀର ଆକାର ବଡ଼ ହୋଇଥାଏ। • ଗଛକୁ ସିଧା ରଖିବା ପାଇଁ କାଠ/ ବାଉଁଶର ସାହାଯ୍ୟ ନେବେ।





ପ୍ରକାଶକ ଓ ମୁଖ୍ୟ ସମ୍ପାଦକ : ଡଃ ସଂଗ୍ରାମ ପରମଗୁରୁ ( ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)

ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି - ୭୬୧୦୧୬

Email : kvkgajapati.ouat@gmail.com